## ଜାତୀୟ ବିଜ୍ଞାନ ସଂସ୍ଥା ଓଡ଼ିଶାରୁ ଉଠିବା ନେଇ ତୀବ୍ର ଆଲୋଡ଼ନ

କେନ୍ଦ୍ରର ନିଷ୍ପତ୍ତିକୁ ରାଜନୈତିକ ଦଳର ଭ୍ରୂକୁଞ୍ଚନ-- ଭୁବନେଶ୍ୱର (ଭୁ.ପ୍ର)- ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ଭୁବନେଶ୍ୱରରୁ କଲକାତା ଉଠିଯିବା ପାଇଁ କେନ୍ଦ୍ର ସରକାର ବିଧିବଦ୍ଧ ନିଷ୍ପତ୍ତି ନେବା ପରେ ଏ ନେଇ ରାଜ୍ୟର ରାଜନୀତି, ବୁଦ୍ଧିଜୀବୀ ଓ ଛାତ୍ର ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାକୁ ଓଡ଼ିଶା ପ୍ରତି ଚରମ ବିଶ୍ୱାସଘାତକତା ଏବଂ ରାଜ୍ୟର ଛାତ୍ର ସମାଜ ପାଇଁ ଏକ ଅପମାନ ବୋଲି ଦଳମତ ନିର୍ବିଶେଷରେ ବୁଦ୍ଧିଜୀବୀ ମହଲ ପ୍ରକାଶ କରିଛନ୍ତି । ଭୁବନେଶ୍ୱରରେ ୧୦୦ କୋଟି ଟଙ୍କା ବ୍ୟୟରେ ବାଙ୍ଗାଲୋରର ଜାତୀୟ ବିଜ୍ଞାନ ସଂସ୍ଥା ଢାଞ୍ଚାରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଅନୁଷ୍ଠାନ ଲାଗି ପୂର୍ବରୁ ସରକାର ନିଷ୍ପତ୍ତି ନେଇଥିଲେ; ମାତ୍ର ବର୍ତ୍ତମାନର ଉପା ସରକାର କେଉଁ କାରଣରୁ ଭୁବନେଶ୍ୱର ଜାତୀୟ ବିଜ୍ଞାନ ସଂସ୍ଥାକୁ କଲକାତା ଉଠାଇନେବା ନିଷ୍ପତ୍ତି ନେଲେ ତାହା ରାଜ୍ୟବାସୀଙ୍କ ନିକଟରେ ସ୍ପଷ୍ଟ କରିବା ଲାଗି ବହୁ ଛାତ୍ର ସଙ୍ଗଠନ ଦାବି କରିଛନ୍ତି । ବିଜେଡ଼ି ମହାସଚିବ ତଥା ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ କହିଛନ୍ତି ଯେ ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଲାଗି ପୂର୍ବତନ ଏନ୍‌ଡ଼ିଏ ସରକାରର ମାନବସମ୍ବଳ ବିକାଶମନ୍ତ୍ରୀ ଡକ୍ଟର ମୁରଲୀ ମନୋହର ଜୋଷୀ କେବଳ ଓଡ଼ିଶାକୁ ପ୍ରତିଶ୍ରୁତି ଦେଇଥିଲେ । ଏ ସମ୍ପର୍କିତ ଘୋଷଣାନାମା ମଧ୍ୟ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଆବଶ୍ୟକ ଜମି ସମେତ ଭିତ୍ତିଭୂମି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ସରକାର ବଦଳିଯିବା ପରେ ଓଡ଼ିଶା ପ୍ରତି କେନ୍ଦ୍ରର ଏହା ବୈମାତୃକ ମନୋଭାବର ସ୍ପଷ୍ଟ ଉଦାହରଣ । ଡାକ୍ତର ରାଉତ କହିଛନ୍ତି ଯେ ବାମପନ୍ଥୀଙ୍କ ଆଶାବାଡ଼ି ଧରି ରହୁଥିବା ଉପା ସରକାର ପଶ୍ଚିମବଙ୍ଗର ବାମପନ୍ଥୀ ସରକାରଙ୍କୁ ସନ୍ତୁଷ୍ଟ କରିବା ଲାଗି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛି । ପୋସ୍କୋର ପ୍ରସ୍ତାବିତ ଇସ୍ପାତ କାରଖାନାକୁ ନେଇ ବାମପନ୍ଥୀ ଦଳର ସର୍ବଭାରତୀୟ ନେତାମାନେ ଭୁବନେଶ୍ୱର ଆସି ଯେଉଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ, ଏବେ ସେମାନଙ୍କ ସ୍ୱରୂପ ଓଡ଼ିଶାବାସୀ ଠିକ୍‌ଭାବେ ଜାଣିସାରିଛନ୍ତି । ଓଡ଼ିଶାର କଂଗ୍ରେସ ନେତୃବର୍ଗ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଏବଂ ଓଡ଼ିଶାର ସ୍ୱାର୍ଥ ଭୁଲି କେନ୍ଦ୍ରର କଂଗ୍ରେସ ନେତୃତ୍ୱକୁ ନିଃସର୍ତ୍ତ ଆନୁଗତ୍ୟ ପ୍ରକାଶ କରୁଥିବାବେଳେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଉଠିଯିବା ନେଇ ନୀରବ ରହିବା ଦୁର୍ଭାଗ୍ୟଜନକ । ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ତଥା ବିଜେପିର ବରିଷ୍ଠନେତା ସମୀର ଦେ କହିଛନ୍ତି ଯେ ଓଡ଼ିଶାରୁ ଏଭଳି ମର୍ଯ୍ୟାଦାପୂର୍ଣ୍ଣ ଅନୁଷ୍ଠାନକୁ ଉଠାଇନେବା ଯେତିକି ଦୁଃଖଦାୟକ ସେତିକି ଦୁର୍ଭାଗ୍ୟଜନକ । ଓଡ଼ିଶାର ମେଧାବୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଦିଗ୍‌ଦର୍ଶନ ଦେଇ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଏକ ଉଚ୍ଚତର ଗବେଷଣାର ଭିତ୍ତିଭୂମି ସୃଷ୍ଟି କରିଥାଆନ୍ତା; ମାତ୍ର କେନ୍ଦ୍ର ଏହାକୁ ଉଠାଇନେବା ନିଷ୍ପତ୍ତି ନେଇ ରାଜ୍ୟର ଛାତ୍ରସମାଜକୁ ପ୍ରତାରିତ କରିଛି । କେନ୍ଦ୍ରରେ ସରକାର ଆସିବ ଯିବ । ରାଜ୍ୟରେ ମଧ୍ୟ କେନ୍ଦ୍ର ସପକ୍ଷବାଦୀ ବା ବିପକ୍ଷବାଦୀ ସରକାର ଆସିବ ଯିବ; ମାତ୍ର କ୍ଷୁଦ୍ର ରାଜନୈତିକ ଅଭିସନ୍ଧି ରଖି ଯଦି ରାଜ୍ୟମାନଙ୍କରୁ ଅନୁଷ୍ଠାନଗୁଡ଼ିକୁ ଉଠାଇବାର ଚକ୍ରାନ୍ତ କରାଯାଏ ତେବେ କେନ୍ଦ୍ରର ଉପା ସରକାରଙ୍କୁ ଇତିହାସ କଦାପି କ୍ଷମା ଦେବ ନାହିଁ । କଟକ ସହରର ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ସେ କେନ୍ଦ୍ର ସରକାରଙ୍କୁ ୫୦୦ କୋଟି ଟଙ୍କାର ଅନୁଦାନ ଯୋଗାଣ ଲାଗି ପ୍ରସ୍ତାବ ଦେଇଥିଲେ । ଏହାକୁ କେତେକ କଂଗ୍ରେସ ଓ ବାମ ନେତା ସମାଲୋଚନା କରିଥିଲେ । ଏବେ ରାଜ୍ୟରୁ ଏଭଳି ମର୍ଯ୍ୟାଦାପୂର୍ଣ୍ଣ ଅନୁଷ୍ଠାନ ଉଠି ଯାଉଥିବାବେଳେ ସେମାନେ ନୀରବ ରହିବା ସେମାନଙ୍କର ଓଡ଼ିଶାର ପ୍ରଗତି ପ୍ରତି କେତେ ଆନ୍ତରିକତା ଅଛି ତାହା ସହଜରେ ଜଣାପଡୁଛି ବୋଲି ଶ୍ରୀ ଦେ କହିଛନ୍ତି । ଦଳମତ ନିର୍ବିଶେଷରେ ଉପା ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବାକୁ ସେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ଭୁବନେଶ୍ୱରରୁ କୋଲକାତା ଉଠିଯିବା ନେଇ ସମ୍ବାଦ ପତ୍ରରେ ପ୍ରକାଶ ପାଉଥିବା ଖବର







ସମ୍ପର୍କରେ କଂଗ୍ରେସ ଦଳ ଅବଗତ ଅଛି । କେଉଁ ପରିସ୍ଥିତିରେ ଏଭଳି ନିଷ୍ପତ୍ତି ନିଆଯାଇଛି ଏବଂ କାହିଁକି ଏଭଳି ନିଷ୍ପତ୍ତି କେନ୍ଦ୍ର ସରକାର ନେଇଛନ୍ତି ସେ ସମ୍ପର୍କରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଯେଉଁ ରାଜନୈତିକ ଦଳ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ହୋଇପାରିଲା ନାହିଁ ବୋଲି ଉଚ୍ଚ କଣ୍ଠରେ ଚିତ୍କାର ଆରମ୍ଭ କରିଛନ୍ତି ସେମାନେ ବହୁ ଆଡ଼ମ୍ବରରେ ଭୁବନେଶ୍ୱରରେ ଶୁଭ ଦିଆଯାଇଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା, ଏମ୍ସ ସ୍ଥାପନ ଲାଗି କେନ୍ଦ୍ରରେ ତାଙ୍କ ସରକାର ଥିଲାବେଳେ ଇଟା ଖଣ୍ଡିଏ ବି ପକାଇନଥିଲେ । ଏଥିପାଇଁ ସେମାନେ କୈଫିୟତ ଦେବା ଉଚିତ । ରାଜ୍ୟର ଦ୍ରୁତ ବିକାଶ ପାଇଁ ଓଡ଼ିଶାରେ ଯାହାକିଛି ମୁଖ୍ୟ ପ୍ରତିଷ୍ଠାନ ସ୍ଥାପନ କରାଯାଇଛି, ତାହା କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ହିଁ ହୋଇଛି ଏହା ସେମାନେ ଜାଣି ରଖିବା ଉଚିତ । ଏହି ଅନୁଷ୍ଠାନ ଓଡ଼ିଶାରେ ଯେପରି ପ୍ରତିଷ୍ଠା ହେବ କଂଗ୍ରେସ ଉଦ୍ୟମ କରିବ ବୋଲି ଶ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ । ଓଡ଼ିଶା ଗଣପରିଷଦ ସଭାପତି ବିଜୟ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ରାଜ୍ୟର ଦୁର୍ବଳ ନେତୃତ୍ୱ କେନ୍ଦ୍ର ସରକାରଙ୍କ ଉପରେ ଠିକ୍ ଭାବେ ଚାପ ସୃଷ୍ଟି କରିପାରୁ ନାହାନ୍ତି । ଦିନ ଦିନ ଧରି କେନ୍ଦ୍ର ସରକର ରାଜ୍ୟକୁ ଏଥି ଯୋଗୁଁ ଅବହେଳା କରି ଆସୁଛନ୍ତି ଏବଂ ଓଡ଼ିଶା ସ୍ୱାର୍ଥ ବ୍ୟାହତ ହେଉଛି । ଆଗାମୀ ଦିନରେ ଏହି ପ୍ରକଳ୍ପ ସହିତ ଅନ୍ୟାନ୍ୟ ହକ୍ ଦାବି ପୂରଣ ଲାଗି କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବା ପାଇଁ ସୁଚିନ୍ତିତ ଉଦ୍ୟମ ହେବା ଆବଶ୍ୟକ । ଏଥିପାଇଁ ରାଜ୍ୟର ସବୁ ରାଜନୈତିକ ଦଳ ମିଳିତ ଭାବେ ପ୍ରୟାସ କରିବା ଲାଗି ଶ୍ରୀ ମହାପାତ୍ର ମତ ଦେଇଛନ୍ତି । ସିପିଏମ୍ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି କହିଛନ୍ତି ଯେ ଏହା ଯଦି ସତ୍ୟ ହୋଇଥାଏ, ତେବେ କେନ୍ଦ୍ର ସରକାରଙ୍କ ନୀତି ଓଡ଼ିଶା ସ୍ୱର୍ଥ ବିରୋଧୀ । ଅତୀତରେ ସ୍ୱାଧୀନତା ପରଠାରୁ କେନ୍ଦ୍ରରେ ଯେଉଁ ସରକାର ଆସିଛନ୍ତି ସେମାନେ ଓଡ଼ିଶାର ସ୍ୱାର୍ଥକୁ ସବୁ କ୍ଷେତ୍ରରେ ବଳି ପକାଇଛନ୍ତି । କେନ୍ଦ୍ରରେ ଯେଉଁ ସରକାର ରହିଛନ୍ତି ଓଡ଼ିଶାରେ ସେହି ସରକାର ରହିଥିଲେ ମଧ୍ୟ ପ୍ରଗତି ଠିକ୍ ଭାବେ ହୋଇପାରି ନାହିଁ । ଏହି ଅନୁଷ୍ଠାନକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବା ଏବଂ ଓଡ଼ିଶାରେ ଏକ ବଡ଼ ଗଣଆନ୍ଦୋଳନ ଗଢ଼ି ତୋଳିବା ଲାଗି ସେ ମତ ଦେଇଛନ୍ତି । ସିପିଆଇ ରାଜ୍ୟ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଓ ସଭ୍ୟ ଆଶିଷ କାନୁନ୍‌ଗୋ ପ୍ରମୁଖ କେନ୍ଦ୍ରର ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଓଡ଼ିଶାର ଯେ କୌଣସି ସ୍ୱାର୍ଥ ବିରୋଧୀ ପଦକ୍ଷେପକୁ ତାଙ୍କ ଦଳ ବରଦାସ୍ତ କରିବ ନାହିଁ ଏବଂ ଏହି ଅନୁଷ୍ଠାନକୁ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରଖିବେ ବୋଲି ମତ ଦେଇଛନ୍ତି । ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀପ୍ରସାଦ ମିଶ୍ର, ମହେଶ ସାହୁ, ବିକ୍ରମ ଆରୁଖ, ଅରୁଣ ଦେ, ବିଷ୍ଣୁ ଦାସ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ତଥା ବହୁ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ଏହି ପ୍ରକଳ୍ପ ଯେପରି ଓଡ଼ିଶାରେ ପ୍ରତିଷ୍ଠିତ ହେବ ସେଥିଲାଗି ସମସ୍ତେ ସବୁ ସ୍ତରରେ ଉଦ୍ୟମ ଜାରି ରଖିବାକୁ ମତ ଦେଇଛନ୍ତି ।



About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)